# କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟଜଣେ

# ବନାମ

# ଜି.ଆର୍. ନାଦଗୌଡା (ମୃତ) ଉତ୍ତରାଧିକାରୀମାନଙ୍କ ଦ୍ୱାରା ଏବଂ ଅନ୍ୟଜଣେ

(1998ର ଦେୱାନୀ ଆବେଦନ ସଂଖ୍ୟା 2547-2548)

ଜାନୁଆରୀ 05, 2010

**[ତରୁଣ ଚାଟାର୍ଜୀ ଏବଂ ଅଫତାବ୍ ଆଲାମ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସୁଧ - ପଇଠ - ପକ୍ଷମାନଙ୍କ ମଧ୍ୟରେ ମକଦ୍ଦମା ଡିକ୍ରି ହେଲା - ନିର୍ଦ୍ଧାରିତ ସମୟ ମଧ୍ୟରେ ଡିକ୍ରି ଅନୁଯାୟୀ ରାଶି ଜମା କରିବାକୁ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ - ଏହି ଆଦେଶର କାର୍ଯ୍ୟକାରୀ ନହେବା କ୍ଷେତ୍ରରେ, ରାଜ୍ୟ ଉତ୍ତରଦାତାମାନଙ୍କୁ ଆଦେଶର ତାରିଖ ଠାରୁ ଆରମ୍ଭ କରି ପ୍ରକୃତରେ ରାଶି ପ୍ରଦାନ କରାଯାଇଥିବା ତାରିଖ ପର୍ଯ୍ୟନ୍ତ ବାର୍ଷିକ 15% ସୁଧ ପ୍ରଦାନ କରିବ - ସୁଧ ହାର - କୁ ଆପତ୍ତି - ନିର୍ଣ୍ଣୟ କରାଗଲା : ଆଦେଶ ତାରିଖ ଠାରୁ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ସୁଧ ହାରକୁ ବାର୍ଷିକ 10%କୁ ପରିବର୍ତ୍ତିତ ହୋଇଛି, ଯେଉଁଥିରେ ବିଫଳ ହେଲେ ରାଜ୍ୟ ପ୍ରତି ବର୍ଷ 15% ହାରରେ ସୁଧ ଦେବାକୁ ଉତ୍ତରଦାୟୀ ହେବ ।*

**ଏହି ଆବେଦନଗୁଡ଼ିକ ଉପରେ ବିଚାର ପାଇଁ ଯେଉଁ ପ୍ରଶ୍ନ ଉଠିଥିଲା, ତାହା ହେଉଛି ଉଚ୍ଚ ନ୍ୟାୟାଳୟ ତାଙ୍କର ଆଦେଶ ତାରିଖ ଠାରୁ ନ୍ୟାୟାଳୟରେ ପ୍ରକୃତରେ ଅର୍ଥ ପ୍ରଦାନ କରାଯିବାର ତାରିଖ ପର୍ଯ୍ୟନ୍ତ ଉତ୍ତରଦାତାମାନଙ୍କୁ 15 ପ୍ରତିଶତ ହାରରେ ସୁଧ ଦେବାକୁ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଯଥାର୍ଥ କି ?**

**ଆବେଦନଗୁଡ଼ିକର ଫଏସଲା କରି, ନ୍ୟାୟାଳୟ ନିର୍ଣ୍ଣୟ କଲେ :**

**ଉଚ୍ଚ ନ୍ୟାୟାଳୟଙ୍କ ରାୟକୁ ଏପରି ପରିବର୍ତ୍ତିତ କରାଯାଇଛି ଯେ ଉତ୍ତରଦାତାମାନଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶ ତାରିଖରୁ 15 ପ୍ରତିଶତ ନୁହେଁ ବରଂ ବାର୍ଷିକ 10 ପ୍ରତିଶତ ହାରରେ ସୁଧ ଦିଆଯିବ । ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ ଯଦି ଉତ୍ତରଦାତାଙ୍କ ଦ୍ୱାରା ଏହି ଆଦେଶର ଏକ ନକଲ ଯୋଗାଇ ଦେବା ତାରିଖ ଠାରୁ ଛଅ ମାସ ମଧ୍ୟରେ ଉକ୍ତ ରାଶି ରାଜ୍ୟ ଦ୍ୱାରା ପ୍ରଦାନ କରାଯାଇନଥାଏ, ତେବେ ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାର୍ଷିକ 15 ପ୍ରତିଶତ ହାରରେ ସୁଧ ଦେବାକୁ ଉତ୍ତରଦାୟୀ ହେବ ।**

ଦେୱାନୀ ଆବେଦନ ଅଧିକାରିତା : 1998 ର ଦେୱାନୀ ଆବେଦନ ସଂଖ୍ୟା 2547-2548 ।

1991 ର ଦେୱାନୀ ପୁନରୀକ୍ଷଣ ଆବେଦନ ସଂଖ୍ୟା 714/1992 C/W 2867 ରେ ବାଙ୍ଗାଲୋର ସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ତା 15.11.1996 ରିଖର ରାୟ ଏବଂ ଆଦେଶରୁ ।

# କର୍ଣ୍ଣାଟକ ରାଜ୍ୟ ବନାମ ଜି.ଆର୍. ନାଦଗୌଡା (ମୃତ) ଉତ୍ତରାଧିକାରୀମାନଙ୍କ ଦ୍ୱାରା [ନ୍ୟାୟମୂର୍ତ୍ତି, ତରୁଣ ଚାଟାର୍ଜୀ]

ଆବେଦନକାରୀଙ୍କ ପାଇଁ ସଞ୍ଜୟ ଆର. ହେଗଡେ, ଅମିତ କୁମାର ଚାୱଲା, ଏ. ରୋହନ୍ ସିଂହ, ବିକ୍ରାନ୍ତ ଯାଦବ, ଅନୀଲ ବର୍ମା ।

ଉତ୍ତରଦାତାମାନଙ୍କ ପାଇଁ ଏସ୍. କେ. କୁଲକର୍ଣୀ, ସଙ୍ଗୀତା କୁମାର ।

**ନ୍ୟାୟମୂର୍ତ୍ତି, ତରୁଣ ଚାଟାର୍ଜୀଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଗଲା ।

1. ଏହା କର୍ଣ୍ଣାଟକ ରାଜ୍ୟ ଦ୍ୱାରା ପରିଚାଳିତ ଏକ ପୁରୁଣା ମକଦ୍ଦମା ଏବଂ ଏହି ବିବାଦ ଷାଠିଏ ବର୍ଷର ଏକ ଦୀର୍ଘ ଇତିହାସକୁ ନେଇ କେନ୍ଦ୍ରିତ । କିନ୍ତୁ ଏହି ନ୍ୟାୟାଳୟ ପାଇଁ ଏହା ଅନାବଶ୍ୟକ, ଯେପରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆକ୍ଷେପିତ ରାୟରେ ଯଥାର୍ଥ ଭାବରେ ଦର୍ଶାଯାଇଛି, ବିଭିନ୍ନ ବିକାଶ ଏବଂ ବର୍ତ୍ତମାନର ସ୍ଥିତି କିପରି ଉତ୍ପନ୍ନ ହୋଇଛି ତାହା ବର୍ଣ୍ଣନା କରିବା କାରଣ ବର୍ତ୍ତମାନ ଏହା ଏକ ଅତ୍ୟନ୍ତ ସଂକୀର୍ଣ୍ଣ ପରିସର ମଧ୍ୟରେ ସୀମିତ । କର୍ଣ୍ଣାଟକ ରାଜ୍ୟ ତରଫରୁ ଉପସ୍ଥିତ ହୋଇଥିବା ବିଦ୍ୱାନ ଓକିଲ ଶ୍ରୀ ସଞ୍ଜୟ ଆର. ହେଗଡେଙ୍କ ଦ୍ୱାରା ଆଗତ ଯୁକ୍ତିଗୁଡ଼ିକରୁ, ଏଠାରେ ଆବେଦନକାରୀ, ଆମକୁ କେବଳ ଆକ୍ଷେପିତ ରାୟରେ ଉପାନ୍ତ୍ୟ ନିର୍ଦ୍ଦେଶଗୁଡ଼ିକୁ ବିଚାର କରିବାକୁ ପଡିବ । ତଦନୁସାରେ, ବର୍ତ୍ତମାନର ଆବେଦନଗୁଡିକର ଉପଯୁକ୍ତ ଫଏସଲା ପାଇଁ, ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟର ସେହି ଅଂଶକୁ ନିମ୍ନମତେ ପୁନଃ ଉପସ୍ଥାପନ କରାଯାଇପାରିବ :-

> "ସେହି ଅନୁଯାୟୀ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ଆଜିଠାରୁ ତିନି ମାସ ଶେଷ ସୁଦ୍ଧା ବିଚାର କରୁଥିବା ନ୍ୟାୟାଳୟରେ ଏହି ରାଶି ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆବେଦନକାରୀମାନଙ୍କୁ ନିଃସନ୍ଦେହରେ ପ୍ରଶ୍ନରେ ଥିବା ରାଶି ଉପରେ ଆବଶ୍ୟକ ନ୍ୟାୟାଳୟ ପ୍ରାପ୍ୟ ପ୍ରଦାନ କରିବାକୁ ପଡିବ, କିନ୍ତୁ ବିଚାର କରୁଥିବା ନ୍ୟାୟାଳୟଙ୍କୁ ଏହି ତଥ୍ୟ ଉପରେ ଟିପ୍ପଣୀ ଦେବାକୁ ପଡିବ ଯେ ସାଧାରଣ ମକଦ୍ଦମା ସ୍ଥିତିରେ, ମକଦ୍ଦମା ଦାଖଲ ହେବା ତାରିଖରେ ନ୍ୟାୟାଳୟ ପ୍ରାପ୍ୟ ପ୍ରଦାନ କରାଯାଏ କିମ୍ବା ସେହି ମାମଲାଗୁଡ଼ିକରେ, ଯେଉଁଠାରେ କୌଣସି କାରଣରୁ, ଡିକ୍ରି ପାରିତ ହେବା ସମୟରେ ନ୍ୟାୟାଳୟ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ତେବେ ଏହି ଦୁଇଟି ତାରିଖକୁ ବିଚାରକୁ ନିଆଯାଇଛି । ଏହି ମାମଲାରେ, 1955 ମସିହାରେ ମକଦ୍ଦମା ଦାୟର କରାଯାଇଥିଲା, 1957 ମସିହାରେ ଡିକ୍ରି ପାରିତ ହୋଇଥିଲା ଏବଂ ତେଣୁ, ସେହି ତାରିଖରେ ଦେୟଯୋଗ୍ୟ ନ୍ୟାୟାଳୟ ପ୍ରାପ୍ୟ ଆଧାରରେ, ଆବେଦନକାରୀମାନେ ଉତ୍ତରଦାୟୀ ରହିବେ । ତଦନୁସାରେ ବିଚାର କରୁଥିବା ନ୍ୟାୟାଳୟ ଏହି ବିଷୟକୁ ଧ୍ୟାନରେ ରଖିବେ। ଆବେଦନକାରୀଙ୍କ ପାଇଁ ଏହା ଖୋଲା ରହିବ ଯେ ସେମାନେ ନ୍ୟାୟାଳୟ ପ୍ରାପ୍ୟକୁ ଅଲଗା ଭାବରେ ଦାଖଲ କରିପାରିବେ କିମ୍ବା ଦେୟ ପ୍ରଦାନ କରିବା ସମୟରେ ଏହାକୁ ବ୍ୟବସ୍ଥିତ କରିବାକୁ ବିଚାର କରୁଥିବା ନ୍ୟାୟାଳୟଙ୍କୁ ପ୍ରାର୍ଥନା କରିପାରିବେ । ତେବେ ଏହା ସ୍ପଷ୍ଟ କରାଯାଇଛି ଯେ, ଯଦି ରାଜ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅର୍ଥ ଜମା କରିବାରେ କୌଣସି ଖିଲାପ କରେ,  ଯାହା ମୁଁ ସ୍ୱେଚ୍ଛାକୃତ ଭାବେ ଯଥେଷ୍ଟ ସମୟ ଦେଖିଛି, ଯେ ଏପରି କୌଣସି ଖିଲାପ କ୍ଷେତ୍ରରେ, ରାଜ୍ୟ ଏହି ଆଦେଶର ତାରିଖ

ଅର୍ଥାତ୍ 15.11.1996 ଠାରୁ ଆବେଦନକାରୀଙ୍କୁ ବାର୍ଷିକ 15 ପ୍ରତିଶତ ହାରରେ ପରିମାଣବଦ୍ଧ ସୁଧ ପ୍ରଦାନ କରିବାକୁ ଉତ୍ତରଦାୟୀ ହେବ ।" (ଗୁରୁତ୍ୱ ପ୍ରଦାନ କରାଯାଇଛି)

2. ଆମ ସମ୍ମୁଖରେ, କର୍ଣ୍ଣାଟକ ରାଜ୍ୟ ପକ୍ଷରୁ ଉପସ୍ଥିତ ହୋଇଥିବା ବିଦ୍ୱାନ ଓକିଲ ଶ୍ରୀ ସଞ୍ଜୟ ଆର. ହେଗଡେଙ୍କ ଦ୍ୱାରା ଉଠାଯାଇଥିବା ଏକମାତ୍ର ନିବେଦନ ହେଉଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ତାରିଖ, ଅର୍ଥାତ୍ 15 ନଭେମ୍ବର, 1996 ଠାରୁ ନ୍ୟାୟାଳୟରେ ରାଶି ଦାଖଲ ହେବା ତାରିଖ ପର୍ଯ୍ୟନ୍ତ ଉତ୍ତରଦାତାମାନଙ୍କୁ ବାର୍ଷିକ 15 ପ୍ରତିଶତ ହାରରେ ସୁଧ ଦେବାକୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିବା ରାୟ, ନ୍ୟାୟସଙ୍ଗତ ଥିଲା କି ନାହିଁ ।

3. ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲଙ୍କ ଦ୍ୱାରା ନିଆଯାଇଥିବା ଉପରୋକ୍ତ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି, ଆମକୁ ଏହି ଆବେଦନଗୁଡ଼ିକର ତଥ୍ୟକୁ ବିସ୍ତୃତ ଭାବରେ ବିଚାର କରିବାର ଆବଶ୍ୟକତା ନାହିଁ କିମ୍ବା ପୂର୍ବରୁ ଉଲ୍ଲିଖିତ କାରଣ ବ୍ୟତୀତ ଅନ୍ୟ କୌଣସି କାରଣ ବିଷୟରେ ଆମେ ଚିନ୍ତିତ ନୁହଁ । ଆବେଦନକାରୀଙ୍କ ତରଫରୁ ଶ୍ରୀ ହେଗଡେ ଯୁକ୍ତି ବାଢ଼ିଥିଲେ ଯେ ଦାବିର ପ୍ରକୃତିକୁ ଦୃଷ୍ଟିରେ ରଖି ଏବଂ କର୍ଣ୍ଣାଟକ ରାଜ୍ୟ ଏହି ମକଦ୍ଦମାଗୁଡ଼ିକର ସମ୍ପୂର୍ଣ୍ଣ ଯତ୍ନ ସହକାରେ ଅନୁସରଣ କରିଥିବା ତଥ୍ୟକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟଙ୍କ ତରଫରୁ ରାଜ୍ୟକୁ 15% ବାର୍ଷିକ ହାରରେ ସୁଧ ଦେବାକୁ ବାଧ କରିବା ଅନୁଚିତ୍ ଥିଲା କାରଣ ଯଦି ଉକ୍ତ ସୁଧ ହାର ଗ୍ରହଣ କରାଯାଏ ଏବଂ ଯଦି ରାଜ୍ୟକୁ ଉତ୍ତରଦାତାମାନଙ୍କୁ ଏହା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଏ, ତେବେ ଏହା ଡିକ୍ରି ଅନୁସାରେ ଥିବା ରାଶିର ପ୍ରାୟ ତିନିଗୁଣ ହେବ । ତଦନୁସାରେ, ଏହା ଉପସ୍ଥାପନ କରାଯାଇଥିଲା ଯେ ସୁଧ ହାରକୁ ବାର୍ଷିକ 6%କୁ ପରିବର୍ତ୍ତନ କରାଯାଇପାରିବ ।

4. ସୁଧ ହାରର ପ୍ରଶ୍ନ ଉପରେ, ଆମେ ଶ୍ରୀଯୁକ୍ତ ଏସ୍.କେ. କୁଲକର୍ଣୀଙ୍କୁ ମଧ୍ୟ ଶୁଣିଛୁ, ଯିଏ ଉତ୍ତରଦାତାମାନଙ୍କ ତରଫରୁ ଉପସ୍ଥିତ ଥିଲେ, ଯିଏ ଶ୍ରୀଯୁକ୍ତ ହେଗଡେଙ୍କ ଦାଖଲକୁ ଯଥାର୍ଥ ଭାବରେ ବିରୋଧ କରିଥିଲେ । ତାଙ୍କ ମତରେ, ଆକ୍ଷେପିତ ରାୟରେ ଉଲ୍ଲେଖ କରାଯାଇଥିବା ତାରିଖଠାରୁ ବାର୍ଷିକ 15% ହାରରେ ସୁଧ ପ୍ରଦାନ କରିବା ଲାଗି ଉଚ୍ଚ ନ୍ୟାୟାଳୟଙ୍କ ବିଚାର ସମ୍ପୂର୍ଣ୍ଣ ଭାବେ ନ୍ୟାୟସଙ୍ଗତ ଥିଲା । ଉତ୍ତରଦାତାଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲ ଶ୍ରୀ କୁଲକର୍ଣୀଙ୍କ ଆହୁରି ମଧ୍ୟ ଦର୍ଶାଇଥିଲେ ଯେ ଉତ୍ତରଦାତାଙ୍କ ବିରୋଧରେ ରାଜ୍ୟ ଦ୍ୱାରା କରାଯାଇଥିବା ସମଗ୍ର ମକଦ୍ଦମା କାଳ୍ପନିକ ଥିଲା ଏବଂ ତେଣୁ, ଉଚ୍ଚ ନ୍ୟାୟାଳୟ ଉପରେ ଉଲ୍ଲିଖିତ ହାରରେ ସୁଧ ଅଧିନିର୍ଣ୍ଣୟ କରିବା ଯଥାର୍ଥ ଥିଲା । ଶ୍ରୀ କୁଲକର୍ଣୀ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ ବର୍ତ୍ତମାନର ମାମଲାର ସ୍ୱୀକୃତ ତଥ୍ୟକୁ ଦୃଷ୍ଟିରେ ରଖି ସୁଧକୁ 15 ପ୍ରତିଶତରୁ 6 ପ୍ରତିଶତକୁ ହ୍ରାସ କରିବାର ପ୍ରଶ୍ନ ଉଠୁନାହିଁ । ତଦନୁସାରେ, ସେ ଦାଖଲ କରିଥିଲେ ଯେ ଉତ୍ତରଦାତାମାନଙ୍କ ସପକ୍ଷରେ ଅନୁକରଣୀୟ ଯୋଗ୍ୟ ଖର୍ଚ୍ଚ ସହିତ ଆବେଦନଗୁଡ଼ିକୁ ଖାରଜ କରାଯାଉ ।

5. ପକ୍ଷମାନଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ଓକିଲଙ୍କୁ ଶୁଣିବା ପରେ ଏବଂ ଆକ୍ଷେପିତ ରାୟ ଏବଂ ରାଜ୍ୟକୁ ନଭେମ୍ବର 15, 1996 ଠାରୁ ବାର୍ଷିକ 15% ହାରରେ ସୁଧ ପ୍ରଦାନ କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ଅନୁଧ୍ୟାନ କରିବା ପରେ, ଆମର ମତ ହେଉଛି ଯେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟକୁ ଏହି ଭଳି

ଭାବରେ ପରିବର୍ତ୍ତନ କରାଯାଇପାରିବ ଯେ ଉତ୍ତରଦାତାମାନଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟରେ ଉଲ୍ଲିଖିତ ତାରିଖଠାରୁ 15 ପ୍ରତିଶତ ନୁହେଁ ବରଂ ବାର୍ଷିକ 10 ପ୍ରତିଶତ ହାରରେ ସୁଧ ପ୍ରଦାନ କରାଯିବ । ତଦନୁସାରେ, ଆମେ ଉପରୋକ୍ତ ପରିବର୍ତ୍ତନ ସହିତ ଏହି ଆବେଦନଗୁଡ଼ିକର ଫଏସଲା କରୁଛୁ ଏବଂ ଆମେ ଆହୁରି ନିର୍ଦ୍ଦେଶ ଦେଉଛୁ ଯେ ଯଦି ଉପରୋକ୍ତ ନିର୍ଦ୍ଦେଶ ଅନୁଯାୟୀ, ଉତ୍ତରଦାତାଙ୍କ ଦ୍ୱାରା ଏହି ଆଦେଶର ଏକ ନକଲ ଯୋଗାଇ ଦେବାର ତାରିଖ ଠାରୁ ଛଅ ମାସ ମଧ୍ୟରେ ରାଜ୍ୟ ଦ୍ୱାରା ରାଶି ପ୍ରଦାନ କରାଯାଇନଥାଏ, ତେବେ ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାର୍ଷିକ 15 ପ୍ରତିଶତ ହାରରେ ସୁଧ ଦେବାକୁ ଉତ୍ତରଦାୟୀ ହେବ ।

6. ଏହି ପରିବର୍ତ୍ତନ ସହିତ, ଏହି ଆବେଦନଗୁଡିକ ଖର୍ଚ୍ଚ ବିଷୟରେ କୌଣସି ଆଦେଶ ବିନା ଫଏସଲା କରାଗଲା ।

ଏନ୍.ଜେ. ଆବେଦନଗୁଡ଼ିକର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*
ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।